# ଘିକୁଆଁରୀ

ଘିକୁଆଁରୀ ମନୁଷ୍ୟ ଦ୍ୱାରା ବ୍ୟବହୃତ ପୁରାତନ ବନୌଷଧିମାନଙ୍କ ମଧ୍ୟରୁ ଅନ୍ୟତମ । ପ୍ରାଚୀନ ଧର୍ମ ଶାସ୍ତ୍ରମାନଙ୍କରେ ମଧ୍ୟ ଏହାର ଉଲ୍ଲେଖ ରହିଛି । ଘିକୁଆଁରୀ ବା ଘୃତକୁମାରୀର ଅନେକ ପ୍ରକାରର ଔଷଧୀୟ ଗୁଣ ରହିଛି । ଏଣୁ ଏହାକୁ ପ୍ରାଚୀନ କାଳରୁ ଆୟୁର୍ବେଦ ଔଷଧ ଭାବରେ ବ୍ୟବହାର କରାଯାଉଅଛି । ଖ୍ରୀଷ୍ଟପୂର୍ବ ୬୮ ରୁ ୩୦ ମଧ୍ୟରେ ଜନ୍ମଗ୍ରହଣ କରିଥିବା କ୍ଲିଓପାଟ୍ରା ମଧ୍ୟ ସୂର୍ଯ୍ୟ କିରଣରୁ ଚର୍ମକୁ ରକ୍ଷା କରିବା ନିମନ୍ତେ ଘିକୁଆଁରୀର ଉପଯୋଗ କରିଥିବାର ଉଲ୍ଲେଖ ରହିଛି । ଏହି ଗୁଳ୍ମ ଗାଁ ଗଣ୍ଡାରେ ଲୋକଙ୍କ ବାଡି ବଗିଚାରେ ଓ ପାହାଡ଼ିଆ ଅ ଳରେ ବହୁ ପରିମାଣରେ ଦେଖାଯାଏ । ଅଧିକାଂଶ ସ୍ଥାନରେ ଏହାକୁ ବାଡି ବଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ମଧ୍ୟ ଲଗାଯାଇଥାଏ । ଘିକୁଆଁରୀର ଉପ୍ ିସ୍ଥଳ ପୂର୍ବ ଏବଂ ଦକ୍ଷିଣ ଆଫ୍ରିକା, କାନାରୀ ଦ୍ୱୀପ ଓ ସ୍ପେନରେ ବୋଲି ଜଣାଯାଏ । ଷୋଡ଼ଶ ଶତାବ୍ଦୀରେ ଏହି ଉଭିଦଟି ୱେଷ୍ଟଇଣ୍ଡିଜ୍, ଚାଇନା, ଭାରତ ଏବଂ ଅନ୍ୟାନ୍ୟ ଦେଶକୁ ଆସିଥିବାର ସୂଚନା ମିଳେ । ଏବେ ଘିକୁଆଁରୀ ବ୍ୟବସାୟିକ ଭି ିରେ ଭାରତରେ ମଧ୍ୟ ଚାଷ କରାଗଲାଣି । ଭାରତବର୍ଷର ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଗୁଜୁରାଟ ଭଳି କେତେକ ରାଜ୍ୟରେ ଏହି ଚାଷ ବହୁଳ ପରିମାଣରେ କରାଯାଉଅଛି । ଆରବ ଦେଶରେ ଘିକୁଆଁରୀକୁ କବର ଉପରେ ଲଗାଯାଇଥାଏ । ଏହି ଗଛରେ ଫୁଲ ଫୁଟିଲେ କବର ତଳେ ଥିବା ଆତ୍ମାର ସଦ୍‌ଗତି ହୁଏ ବୋଲି ସେମାନଙ୍କର ବିଶ୍ୱାସ ।

**ବିଭିନ୍ନ ଭାଷାରେ ନାମ**

| | | |
|---|---|---|
| ହିନ୍ଦୀ | : | ଘିକନୱାର |
| ସଂସ୍କୃତ | : | କୁମାରୀ |
| ଇଂରାଜୀ | : | ଆଲୋଏ, ଇଣ୍ଡିଆନ ଆଲୋଏ |
| ତାମିଲ | : | ଥାଜହାଇ |
| କନ୍ନଡ଼ | : | ଲୋଳେସରା |
| ମରାଠି | : | କୋରଫାଡ |
| ତେଲୁଗୁ | : | କଳାବନ୍ଧ, ମୁଷାମ୍ୟରମ୍ |
| ଗୁଜୁରାଟି | : | କୁମାର ପାଠୁ |
| ବଙ୍ଗଳା | : | ଘ୍ରେତକୁମାରୀ |
| ପଞ୍ଜାବୀ | : | କୁଵାରଗନ୍ଦଲ |

## ପ୍ରଜାତି

ଆୟୁର୍ବେଦରେ ଗୁରୁତ୍ୱପୂର୍ଣ୍ଣ ବନୌଷଧିଭାବେ ବିବେଚ଼ନା କରାଯାଉଥିବା ଏହି ଘିକୁଆଁରୀ ପ୍ରାୟ ୨୭୫ ଜାତିର ଅଛି । କିନ୍ତୁ ଏଥି ମଧ୍ୟରୁ ୩ଟି ପ୍ରଜାତି ବ୍ୟବସାୟିକ ଭି ିରେ ଚାଷ କରାଯାଉଅଛି । ଏହି ୩ଟି ପ୍ରଜାତି ଔଷଧ ପ୍ରସ୍ତୁତ ନିମନ୍ତେ ସର୍ବୋତ୍କୃଷ୍ଟ ବୋଲି ବିବେଚ଼ନା କରାଯାଉଅଛି । ଏହି ତିନୋଟି ପ୍ରଜାତି ହେଲା ଏଲୋ ବାର୍‌ବେଣ୍ଡିସ, ଏଲୋ ଭେରା ଓ ଏଲୋ ଫେରକ୍ସ । ଘିକୁଆଁରୀର ବୈଜ୍ଞାନିକ ନାମ ହେଲା ଆଲୋଏ ଭେରା । ଏହା ଲିଲିଆସି ପରିବାରର ଅନ୍ତର୍ଭୁକ୍ତ ।



ଘିକୁଆଁରୀ ବର୍ଷସାରା ବ ୁଥିବା ଏକ ଗୁଳ୍ମ ଜାତୀୟ ଉଦ୍ଭିଦ । ଏହି ଗଛର ଚେ଼ର ବେଶୀ ଗଭୀରକୁ ଯାଇ ନଥାଏ । ଏହାର ପତ୍ର ବା କାଣ୍ଡ ୩୦ ରୁ ୬୦ ସେ ିମିଟର ଉଚ୍ଚ ହୋଇଥାଏ । ଏଣୁ ଏହି ଗଛଟି ମଧ୍ୟ ୩୦ ରୁ ୬୦ ସେ ିମିଟର ଉଚ୍ଚତା ବିଶିଷ୍ଟ ହୋଇଥାଏ । ଏହାର ପତ୍ରଗୁଡ଼ିକ ମୋଟା ଓ ମାଂସଳ ଅଟେ । ପତ୍ରଗୁଡ଼ିକ ସାଧାରଣତଃ ୬୦ ସେ ିମିଟର ଲମ୍ବ ୧୦ ସେ ିମିଟର ଚଉଡ଼ା ଓ ୧.୫ ରୁ ୨ ସେ ିମିଟର ମୋଟା ହୋଇଥାଏ । ଏହି ସବୁଜ ରଙ୍ଗର ପତ୍ର ଉପରେ ଛୋଟ ଧଳା ଧଳା ଚିହ୍ନ ଦେଖିବାକୁ ମିଳିଥାଏ । ଏହି ପତ୍ରକୁ ଭାଙ୍ଗି ଦେଲେ ଏହା ମଧ୍ୟରେ ଧଳା ରଙ୍ଗର ଲାଳୁଆ ଶସ ଥାଏ । ଏହି ଶସ କାଚ଼ ଭଳି ଦେଖାଯାଏ । ଏହି ଶସର ସ୍ୱାଦ ଅତ୍ୟନ୍ତ ତିକ୍ତ ଅଟେ ।  ମୂଳରୁ ଶେଷ ପର୍ଯ୍ୟନ୍ତ ଏହି ପତ୍ର ଦୁଇ ପାଖରେ କ  । ରହିଥାଏ । ପତ୍ରଗୁଡ଼ିକ ମୂଳରୁ ଆଗ ଆଡ଼କୁ ସରୁ ହୋଇ ଅଗ୍ରଭାଗଟି ମୁନିଆ ହୋଇଥାଏ । ଏହାର ଚେ଼ର ବହୁତଗୁଡ଼ିଏ ଗୁଚ୍ଛ ଅକାରର ଥାଏ । ଗଛଟି ପୁରୁଣା ହୋଇଗଲେ ଏହାର ମଝି ଅଂଶରୁ ନାଡ଼ ସହ ଫୁଲ ବାହାରେ । ଫୁଲଗୁଡ଼ିକ ନାଡ଼ର ଅଗ୍ରଭାଗରେ ଥାଏ । ଏହି ଫୁଲଗୁଡ଼ିକ ଧଳା ମିଶା ହଳଦିଆ ଓ ଗାଢ କମଳା ରଙ୍ଗର ହୋଇଥାଏ । ଫାଲଗୁନ କିମ୍ବା ଚୈତ୍ର ମାସରେ ଏହି ଗଛରେ ଫୁଲ ଧରିଥାଏ । ଫୁଲ ହେଲା ପରେ ସେହି ସ୍ଥାନରେ ଫଳ ହୁଏ । ଫଳ ମଧ୍ୟରେ ସବୁଜ ରଙ୍ଗର ମଞ୍ଜି ସବୁଥାଏ ।

**ଗଛ** : ୧ ଫୁଟରୁ ୨ ଫୁଟ ଉଚ୍ଚତା ବିଶିଷ୍ଟ ।

**ପତ୍ର** : ମୋଟା, ମାଂସାଳ, ଧଳା ଚିହ୍ନଯୁକ୍ତ, ମୂଳରୁ ଅଗ ଆଡକୁ ସରୁଆ ଓ ଦୁଇଧାରରେ ଛୋଟ କ ।ଯୁକ୍ତ ।

**ଫୁଲ** : ଧଳା ମିଶା ହଳଦୀ ଓ ଗାଢ କମଳା ରଙ୍ଗର, ଗୋଟିଏ ନାଡରେ ଅଗ୍ରଭାଗରେ ପେନ୍ଥା ହୋଇ ବାହାରେ । ଫାଲଗୁନ ଓ ଚୈତ୍ର ମାସରେ ଫୁଲ ଧରେ ।

**ଫଳ** : ସବୁଜ ମଞ୍ଜିଯୁକ୍ତ ।

## ରାସାୟନିକ ସଂରଚ଼ନା

ଘିକୁଆଁରୀରେ ସି-ଗ୍ଲୁକୋସାଇଡ୍ ଓ ବାରବାଲୋଇନ୍ ଆନ୍ଥ୍ରାଗ୍ଲାଇକୋସାଇଡ୍ ଭଳି ରେଚ଼କ ପଦାର୍ଥ ମହଜୁଦ ଥାଏ, ଏତଦ୍‌ବ୍ୟତୀତ ଏଥିରେ ଏଲୋଇନ୍, ଆଇସୋବାରବେଲିନ୍, ଇମୋଡିନ୍, କ୍ରାଇସୋଫେନିକ ଅମ୍ଳ ଆଦି ରସାୟନ ମଧ୍ୟ ରହିଥାଏ । ଏହି ଗ୍ଲୁକୋସାଇଡ୍ ସବୁ ଘିକୁଆଁରୀ

ପ୍ରଜାତି ଅନୁଯାୟୀ ୪.୫ ପ୍ରତିଶତରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ରହିଥାଏ । ଘିକୁଆଁରୀରେ ମହଜୁଦଥିବା ବାରବୋଲାଇନ୍ ଗୁଡ଼ିକ ହେଲା, ଆଇସୋ ବାରବାଲୋଇନ୍, ବି-ବାରବୋଲାଇନ୍ ।

ଘିକୁଆଁରୀରେ ବେଟା କାରୋଟିନ୍ ଭିଟାମିନ୍ ବି-୧, ଭିଟାମିନ୍ ବି-୨, ଭିଟାମିନ୍ ବି-୩, ଭିଟାମିନ୍ ବି-୬, ଭିଟାମିନ୍ ଇ, ଫୋଲିକ୍ ଅମ୍ଳ ଓ କୋଲିନ୍ ମହଜୁଦ ଥାଏ । ଏହାଛଡ଼ା କାଲସିୟମ, ମ୍ୟାଗନେସିୟମ, ସୋଡିୟମ୍, କପର୍, ଲୌହ, ମାଙ୍ଗାନିଜ୍, ପୋଟାସିୟମ, ଦସ୍ତା, କ୍ରୋମିୟମ ଓ କ୍ଲୋରିନ୍ ଭଳି ଖଣିଜ ପଦାର୍ଥ ମଧ୍ୟ ମହଜୁଦ୍ ଥାଏ । ଲାଇସିନ୍, ଥ୍ରିଓନାଇନ୍, ଭାଲାଇନ୍, ମେଥିଓନାଇନ୍, ଲିଭସାଇନ୍, ଆଇସୋଲିଭସାଇନ୍, ଫିିନାଇଲ୍, ଆଇଆନାଇନ୍, ଟ୍ରାଇପ୍ଟୋଫେନ୍, ହିଷ୍ଟିଡାଇନ୍, ଆର୍ଗିନାଇନ୍, ହାଇଡୋସ୍କି ପ୍ରୋଲିନ୍, ଆସପାରଟିକ୍ ଅମ୍ଳ, ସେରିନ୍, ଗ୍ଲୁଟାମିକ୍ ଅମ୍ଳ, ପ୍ରୋଲିନ୍, ଗ୍ଲିସରିନ୍, ଆଲନାଇନ୍, ସିଷ୍ଟିନ୍ ଏବଂ ଟାଇରୋସିନ୍ ଭଳି ଆମିନୋ ଅମ୍ଳ ,ବଂ ସେଲ୍ୟୁଲୋଜି, ଗ୍ଲୁକୋନ୍, ମ୍ୟାନୋଜ୍, ଗାଲାକ୍ଟୋଜ୍, ଆଲତୋନେ ।ଜ୍, ଏଲ୍‌ହାମ୍‌ନୋଜ୍, ୟୁରୋନିକ୍ ଅମ୍ଳ, ଗ୍ଲୁକୁରୋନିକ୍ ଅମ୍ଳ ଏବଂ ଆରବିନୋଜ୍ ଭଳି ଶର୍କରା ଜାତୀୟ ପଦାର୍ଥ ଏଥିରେ ମହଜୁଦ୍ ଅଛି । ଏତଦ୍‌ବ୍ୟତୀତ ଅକ୍ସିଡେନ୍, ଆମାଇଲେନ୍, କାଟାଲେନ୍, ଲିପେନ୍, ଆଲିନେହ ଭଳି ଏନ୍‌ଜାଇମ୍ ମଧ୍ୟ ଘିକୁଆଁରୀରେ ଥାଏ ।

## ବ୍ୟବହାର

### ଔଷଧୀୟ ବ୍ୟବହାର

ଘିକୁଆଁରୀର ରସକୁ ମୁଣ୍ଡରେ ଘସିଲେ ମୁଣ୍ଡ ଥଣ୍ଡା ରହେ । ଘିକୁଆଁରୀ ଖଣ୍ଡକୁ ଅଳ୍ପ ନିଆଁରେ ପୋଡ଼ି ତାର ରସକୁ ମିଶ୍ରିଗୁଣ୍ଡ ସହ ମିଶାଇ ଖାଇଲେ ବାତପି ଶାନ୍ତି ହୋଇଥାଏ । ଅଧାକପାଳି ମୁଣ୍ଡ ବିନ୍ଧା ନିମନ୍ତେ ଘିକୁଆଁରୀ ରସକୁ ନାକରେ ପକାଇଲେ ଉପଶମ ହୋଇଥାଏ । ଏହି ରସ ସାଙ୍ଗରେ ପିପ୍ପଳୀକୁ ଗୁଣ୍ଡ କରି ମିଶାଇ ଗ୍ଵଟି କରି ଖାଇଲେ ଅସାଧ କାଶ ମଧ୍ୟ ସହଜରେ ଭଲ ହୋଇଥାଏ । ଘିକୁଆଁରୀ ଫୁଲକୁ ଘିଅରେ ଭାଜି ଖାଇଲେ ଶ୍ୱାସ, କାଶ ଆଦି ଭଲ ହୋଇଥାଏ । ବାତରୋଗ ନିବାରଣ ନିମନ୍ତେ ଘିକୁଆଁରୀ ରସରେ ସୈନ୍ଧବ ଲବଣ କିମ୍ବା ଅଦାରସ ମିଶାଇ ସାତଦିନ ସକାଳୁ ଖାଲି ପେଟରେ ଖାଇବାକୁ ହୋଇଥାଏ । ଘିକୁଆଁରୀ ପତ୍ରର ଗୋଟିଏ ପାଖରୁ ଖୋଳପା ବାହାର କରି କର୍ପୂର ଛିି ବଥ ଉପରେ ଲଗାଇଲେ ସୁଫଳ ମିଳିଥାଏ । ଘିକୁଆଁରୀ ରସକୁ ହଳଦୀ ଗୁଣ୍ଡ ସହ ମିଶାଇ ଲଗାଇଲେ କୁଣ୍ଡିଆ ଆଦି ଚର୍ମରୋଗରୁ ଉପଶମ ମିଳିଥାଏ । ପୋଡି ଯାଇଥିବା ସ୍ଥାନରେ ତୁରନ୍ତ ଘିକୁଆଁରୀ ରସ ଲଗାଇଲେ ଜଳାପୋଡ଼ା ଯନ୍ତ୍ରଣା ଦୂର ହେବା ସହିତ ସେ ସ୍ଥାନରେ ଆଉ ଫୋଟକା ହୁଏ ନାହିଁ । ପୋଡି ଯାଇ ଘା' ହୋଇଥିଲେ ଘିକୁଆଁରୀ ରସ ସହ ଚିନି ମିଶାଇ ଲଗାଇଲେ ଘା' ଶୀଘ୍ର ଶୁଖିଥାଏ । ଘିକୁଆଁରୀ ରସକୁ ଜ୍ୟେଷ୍ଠା ନକ୍ଷତ୍ରରେ ସଂଗ୍ରହ କରି ଥରେ ମାତ୍ର ନାକରେ ପକାଇଲେ କାମଳ ରୋଗ ଭଲ ହୁଏ । ଏହି ରସକୁ ସୈନ୍ଧବ ଲବଣ ସହ ମିଶାଇ ସେବନ କରିବା ସହିତ ଏହି ରସକୁ ପେଟରେ ଲଗାଇଲେ କୋଷ୍ଠ କାଠିନ୍ୟ

ଦୂର ହୋଇଥାଏ । ଏହାକୁ ଅଧିକ ମାତ୍ରାରେ ବା ଅଧିକ ଦିନ ଧରି ସେବନ କରିବା କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଚକ୍ଷୁରୋଗର ନିବାରଣ ନିମନ୍ତେ ଘିକୁଆଁରୀ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । ଆଖିଲାଲ୍ ପଡିଲେ ବା ଗରମ ଲାଗିଲେ ଘିକୁଆଁରୀର ରସକୁ ଅଞ୍ଜନ ଭଳି ଆଖିରେ ଲଗାଇବାକୁ ହୋଇଥାଏ । ଏହାଦ୍ୱାରା ଆଖି ଭଲ ହେବା ସଙ୍ଗେ ସଙ୍ଗେ ଆଖିରେ ଥିବା ଦରଜ ଓ ପୀଡା ଆଦି ମଧ୍ୟ ଉପଶମ ହୋଇଥାଏ । ଘିକୁଆଁରୀକୁ ଖଣ୍ଡ ଖଣ୍ଡ କରି କାଟି ଗାଈ ଘିଅରେ ଭାଜି ୨୧ ଦିନ ସକାଳୁ ଖାଲିପେଟରେ ଖାଇଲେ ଅପସ୍ମାର ରୋଗ ଭଲ ହୋଇଥାଏ । ପାଣିରେ ଘିକୁଆଁରୀ ରସକୁ ମିଶାଇ ସେବନ କଲେ ଦୃଷ୍ଟିଶକ୍ତି ବୃଦ୍ଧି ହୋଇଥାଏ ଏବଂ ଧାତୁ ପୁଷ୍ଟି ହୋଇଥାଏ । ଘିକୁଆଁରୀ ସହ ଚିନି ମିଶାଇ ଖାଇଲେ ଗନେରିଆ ରୋଗ ଭଲ ହୁଏ । ହଳଦୀ ସାଙ୍ଗରେ ଏହି ରସକୁ ମିଶାଇ ୧୫ଦିନ ପର୍ଯ୍ୟନ୍ତ ଖାଇଲେ ପୁରୁଷ ଲୋକମାନଙ୍କର ମେହ, ପ୍ରମେହ ଓ ସ୍ତ୍ରୀ ଲୋକମାନଙ୍କର ପ୍ରଦର ରୋଗ ଭଲ ହୋଇଥାଏ । ଏହାକୁ ସେବନ କରିବା ଦ୍ୱାରା ସ୍ତ୍ରୀ ଲୋକମାନଙ୍କର ଗର୍ଭାଶୟର ସମସ୍ତ ଦୋଷ ଦୂର ହେବା ସହ ରତୁବୋଧ, ରତୁବାଧକ ଆଦି



ଦୋଷ ମଧ୍ୟ ଦୂର ହୋଇଥାଏ । ଯାବତୀୟ ପେଟରୋଗର ଉପଶମ ନିମନ୍ତେ ଘିକୁଆଁରୀ ଅତ୍ୟନ୍ତ ଉପକାରୀ । ଘିକୁଆଁରୀ ରସରେ କଲିଚୂନ ମିଶାଇ ନିୟମିତ ଖାଲି ପେଟରେ ସେବନ କଲେ ଅଜୀର୍ଣ୍ଣ ଦୂର ହେବା ସଙ୍ଗେ ସଙ୍ଗେ କ୍ଷୁଧା ବୃଦ୍ଧି ହୋଇଥାଏ । ଏହି ରସ ସହ ଅଳ୍ପ ମିଶ୍ରିଗୁଣ୍ଡ ମିଶାଇ ଏକ ସପ୍ତାହ ପର୍ଯ୍ୟନ୍ତ ଖାଇଲେ କୃମି ନଷ୍ଟ ହୋଇଥାଆନ୍ତି । ଏହାର ରସକୁ ଗାଈଘିଅ ସହ ଭାଜି ଖାଇଲେ ପେଟରେ ଥିବା ଅଜୀର୍ଣ୍ଣ, ଅରୁଚି, ଅଗ୍ନିମାନ୍ଦ୍ୟ, ଗୁଳ୍ମ, ପ୍ଲୀହା ଓ ଯକୃତ ବିକାର ଆଦି ଦୂର ହୋଇଥାଏ । ଛୋଟ ପିଲାଙ୍କର ସ୍ୱାସ୍ଥ୍ୟ ଲାଗୁନଥିଲେ ବା ପିଲା ଦୁର୍ବଳ ହୋଇ ଯାଉଥିଲେ ଘିକୁଆଁରୀ ରସ ଏକ ଚାମଚ୍ ସହ ଶତାବରୀ ରସ ଏକ ଚାମଚ୍, ଅଣଖିଆ ମୂଳର ରସ ଏକ ଚାମଚ୍ ଓ ଚିନି ବା ଗୁଡ଼ ଏକ ଚାମଚ୍ ମିଶାଇ ମାସେ ଦୁଇମାସ ଖୁଆଇଲେ ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥାଏ । ଏହାଦ୍ୱାରା ଦେହରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସ୍ମରଣ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ପିଲାମାନଙ୍କର ଝାଡ଼ା ହେଉନଥିଲେ ଘିକୁଆଁରୀ ରସ ଓ ଜଡା ତେଲ ଏକାଠି ମିଶାଇ ଶିଶୁର ନାହି ଚାରିପଟେ ମାଲିସ କଲେ ସହଜରେ ଝାଡ଼ା ହୋଇଥାଏ । କୁକୁର କାମୁଡ଼ିଥିବା ସ୍ଥାନରେ ଘିକୁଆଁରୀ ସୈନ୍ଧବ ଲବଣ ମିଶାଇ ସାମାନ୍ୟ ଗରମ କରି ଲଗାଇ ପଟି ବାନ୍ଧିଲେ ବିଷ ନଷ୍ଟ ହୋଇଥାଏ । କ୍ଷତ ସ୍ଥାନ ମଧ୍ୟ ଶୁଖିଯାଏ । ରକ୍ତଝାଡ଼ା ହେଉଥିଲେ ତଟକା ଘିକୁଆଁରୀ ଖଣ୍ଡେ ଆଣି ଥଣ୍ଡା ପାଣିରେ ଅଧଘ ।ଏ ପର୍ଯ୍ୟନ୍ତ ବୁଡ଼ାଇ ରଖିବ । ଏହାପରେ ସେଥିରୁ ଚୋପାକାଢ଼ି ଖଣ୍ଡ ଖଣ୍ଡ କରି କାଟି ମିଶ୍ରି ଏକ ତୋଳା ସହ ମିଶାଇ ସେବନ

କରିବାକୁ ହୋଇଥାଏ । ମସ୍ତିଷ୍କ ସ୍ଥିର ହେବା ନିମନ୍ତେ ଘିକୁଆଁରୀ ରସକୁ ମୁଣ୍ଡରେ ଘଷାଯାଇଥାଏ । ଗାଈ କ୍ଷୀର ଦେଉନଥିଲେ ଘିକୁଆଁରୀ ଗଛର ଚେରକୁ ବାଟି ପିଇବାକୁ ଦିଆଯାଏ । ପ୍ରମେହ ରୋଗର ଉପଶମ ନିମନ୍ତେ ଅଧସେର ଘିକୁଆଁରୀ ରସକୁ ଭଲଭାବରେ ଚକଟିବାକୁ ହୁଏ । ଗୋଟିଏ କରେଇରେ ଅଧସେର ଗାଈଘିଅକୁ ଭଲଭାବେ ଗରମ କରି ଚକଟା ହୋଇଥିବା ଘିକୁଆଁରୀକୁ ସେଥିରେ ପକାଇ ଅଧଘ  ।ଏ ପର୍ଯ୍ୟନ୍ତ କମ୍ ନିଆଁରେ ପାକ କରିବାକୁ ହୋଇଥାଏ । ବହଳିଆ ହୋଇଗଲାପରେ ଚୁଲିରୁ ଓହ୍ଲାଇ ଛୋଟ ଛୋଟ ଲଡୁ ପ୍ରସ୍ତୁତ କରାଯାଏ । ଏହି ଲଡୁକୁ ସକାଳୁ ଖାଲି ପେଟରେ ଖାଇ ଅଧପାଏ କ  । କ୍ଷୀର ପିଇବାକୁ ହୁଏ । ଏହିପରି ୪୦ ଦିନ ଖାଇଲେ ଶରୀରର ଦୁର୍ବଳତା ଦୂର ହେବା ସହ ପ୍ରମେହ ରୋଗ ଦୂର ହୋଇଥାଏ । ଏହା ରକ୍ତରେ ଶର୍କରାକୁ କମ୍ କରିବା ନିମନ୍ତେ ମଧ୍ୟ ଅତ୍ୟନ୍ତ ଉପକାରୀ । ପି  ବୃଦ୍ଧି ହେଲେ ଘିକୁଆଁରୀ ଫୁଲକୁ ଔଷଧ ଭାବେ ବ୍ୟବହାର କରାଯାଏ । ଏହାଛଡ଼ା ଆମାଶୟ ଝାଡ଼ା ରୋଗରେ ମଧ୍ୟ ଏହି ଫୁଲ ଔଷଧ ଭାବେ ବ୍ୟବହୃତ ହୋଇଥାଏ । ଏହି ଫୁଲକୁ ଘିଅରେ ଭାଜି ସେବନ କଲେ କାଶ, କଫ, ଶର୍ଦ୍ଦି ଆଦି ରୋଗ ଭଲ ହୋଇଥାଏ ।

### ଅନ୍ୟାନ୍ୟ ବ୍ୟବହାର

ଘିକୁଆଁରୀରୁ ଚର୍ମ ନିମନ୍ତେ କ୍ରିମ୍ ପ୍ରସ୍ତୁତ ହୋଇଥାଏ । ବ୍ରଣ ନିରୋଧି ତ  ମହଜୁଦ ଥିବାରୁ ଏହା ମୁହଁ ଓ ଦେହ ନିମନ୍ତେ ପ୍ରସ୍ତୁତ କ୍ରିମ୍‌ରେ ପ୍ରଚୁର ପରିମାଣରେ ବ୍ୟବହୃତ ହୋଇଥାଏ । ଘିକୁଆଁରୀ ଶସରେ ଚର୍ମକୁ ସୂର୍ଯ୍ୟକିରଣରୁ ରକ୍ଷାକରିବାର କ୍ଷମତା ରହିଛି । ଘିକୁଆଁରୀ ପାକସ୍ଥଳୀ ସମସ୍ୟାରେ ଏକ ସ୍ୱାସ୍ଥ୍ୟ ପାନୀୟ ଭାବେ  କାମରେ ଆସିଥାଏ । ଏଣୁ ଅନେକ ଦେଶରେ ଏହାକୁ ସ୍ୱାସ୍ଥ୍ୟ ରକ୍ଷାକାରୀ ପାନୀୟ ଭାବେ ବ୍ୟବହାର କରୁଥିବାର ଉଲ୍ଲେଖ ରହିଛି । ଘିକୁଆଁରୀରୁ କେଶରେ ବ୍ୟବହାର ନିମି   ତେଲ ଭଳି ପଦାର୍ଥ ଓ ଲିପ୍‌ଷ୍ଟିକ୍ ଆଦି ପ୍ରସାଧନ ସାମଗ୍ରୀ ତିଆରି ହୋଇଥାଏ ।

### ପ୍ରକାର

ବ୍ୟବସାୟିକ ଭି ିରେ ବିଭିନ୍ନ ପ୍ରକାରର ଘିକୁଆଁରୀ ଆଜିକାଲି ଚାଷ କରାଯାଉଅଛି । ଏଗୁଡ଼ିକ ମଧ୍ୟରୁ କେତେକ ମୁଖ୍ୟ ପ୍ରଜାତି ହେଲା, ଆ.ଇ.ସି. ୧୧୧୨୭୧, ଆଇ.ସି. ୧୧୧୨୮୦, ଆଇ.ସି. ୧୧୧୨୬୯  , ଆଇ.ସି. ୧୧୧୨୭୩, ଆଇ.ସି. ୧୧୧୨୭୯ ଏବଂ ଆଇ.ସି. ୧୧୧୨୬୭ ।

### ଚାଷ

### ମାଟି

ଘିକୁଆଁରୀ ବିଭିନ୍ନ କିସମର ମାଟିରେ ବଢିପାରେ, ଏହା ବାଲିଆ ମାଟିରୁ ଆରମ୍ଭ କରି ଦୋରସା ମାଟି ସବୁ ମାଟିରେ ଭଲ ହୁଏ । ଏହା ୮.୫ ପର୍ଯ୍ୟନ୍ତ ପି.ଏଚ୍ ଥିବା ମାଟିରେ ମଧ୍ୟ ବଢ଼ିଥାଏ ।

କିନ୍ତୁ ଅତ୍ୟଧିକ ପାଣି ଜମୁଥିବା ସ୍ଥାନରେ ଏହା ବଢ଼ିପାରେ ନାହିଁ । ଘିକୁଆରୀ ଗଛର ଚେର ମାଟି ଭିତରେ ବେଶୀ ଗଭୀରକୁ ଯାଏ ନାହିଁ । ଏହା ଏକରୁ ଦେଢ଼ ଫୁଟ ଗଭୀର ପର୍ଯ୍ୟନ୍ତ ଯାଇଥାଏ ।

## ଜଳବାୟୁ

ଘିକୁଆଁରୀ ସାଧାରଣତଃ ମାର୍ଚ୍ଚ ମାସରୁ ଜୁନ୍ ମାସ ମଧ୍ୟରେ ଚାଷ ହୋଇଥାଏ । ଏହି ଗଛ ଭାରତବର୍ଷର ସବୁସ୍ଥାନରେ ସବୁ ଜଳବାୟୁରେ ଉଧେଇପାରେ ଏହା ଆର୍ଦ୍ର କିମ୍ବା ଶୁଷ୍କ ଜଳବାୟୁ ଉଭୟରେ ବ ୍ପାରେ । ବାର୍ଷିକ ୩୫ ରୁ ୪୦ ସେ ିମିଟର ବୃଷ୍ଟିପାତର ଆରମ୍ଭ କରି ୧୫୦ ରୁ ୨୦୦ ସେ ିମିଟର ବୃଷ୍ଟିପାତ ହେଉଥିବା ସ୍ଥାନରେ ମଧ୍ୟ ଏହା ବଢ଼ିପାରେ । କିନ୍ତୁ ଶୁଷ୍କ ଅ ଳରେ ଶସ୍ୟ ନିମନ୍ତେ ଜଳସେଚନର ଆବଶ୍ୟକତା ହୋଇଥାଏ ।

## ଜମି ପ୍ରସ୍ତୁତି

ଚାଷ ପୂର୍ବରୁ ଜମିରୁ ଅନାବନା ଘାସଗଛସବୁ ବାଛି ଦେଇ ଜମିକୁ ଦୁଇଥର ହଳକରି ମାଟିକୁ ଗୁଣ୍ଡ କରିଦିଆଯିବା ଆବଶ୍ୟକ । ଆବଶ୍ୟକସ୍ଥଳେ ଜମିରୁ ଅନାବଶ୍ୟକ ପାଣି ନିଷ୍କାସନ ନିମନ୍ତେ ଛୋଟ ଛୋଟ ନାଳି ତିଆରି କରିଦିଆଯିବା ଉଚିତ୍ । ଏହାପରେ ଜମିରେ ଏକର ପିଛା ୫ଟନ୍ ଗୋବରଖତ ଦିଆଯାଇ ଜମିକୁ ପ୍ରସ୍ତୁତ କରାଯାଇଥାଏ । ଏହାବ୍ୟତୀତ ଏକର ପିଛା ୨୦୦ କିଲୋଗ୍ରା ନିମ ପିଡ଼ିଆ ଦେଲେ ଫସଲ ଭଲ ହୋଇଥାଏ । ଲଗାଇବା ପୂର୍ବରୁ ଜମିକୁ ଚାଷ କରି ଦେଢ଼ଫୁଟ ଅନ୍ତରରେ ହୁଡ଼ା ପ୍ରସ୍ତୁତ କରାଯାଇଥାଏ । ଏହି ହୁଡ଼ାର ଉଚ୍ଚତା ପ୍ରାୟ ଏକଫୁଟ ହେବା ଆବଶ୍ୟକ ।

## ଚାରା ରୋପଣ



ସାଧାରଣତଃ ଘିକୁଆଁରୀର ମାଟିତଳେ ଥିବା ଚେ଼ର (ରୂପାନ୍ତରିତ କାଣ୍ଡ)କୁ କାଟି ଜମିରେ ଲଗାଯାଇଥାଏ । ୧୫ ରୁ ୧୮ ସେ ିମିଟର ଲମ୍ବର ଏହି ପୁଆକୁ କାଟି ଗଛକୁ ଗଛ ୬୦ ସେ ିମିଟର ଓ ଧାଡ଼ିକୁ ଧାଡ଼ି ୩୦ ରୁ ୪୫ ସେ ିମିଟର ଛାଡ଼ି ଲଗାଇବାକୁ ହୋଇଥାଏ । ଏହି ପୁଆ ସବୁକୁ ଏପରି ଭାବରେ ଲଗାଯାଇଥାଏ ଯେ ଯେପରି ପୁଆଟିର ଦୁଇ ତୃତୀୟାଂଶ ଭାଗ ମାଟିତଳେ ରହିବ । ଏକ ଏକର ଜମି ନିମି ପ୍ରାୟ ୨୫୦୦୦ ପୁଆ ଆବଶ୍ୟକ ହୋଇଥାଏ ।

## ଜଳସେଚନ

ଗଛ ଜମିରେ ଲଗାଇବା ପରେ ପରେ ଜଳସେଚନ କରିବା ଆବଶ୍ୟକ । ଜମିର ଆର୍ଦ୍ରତାକୁ ଭି ିକରି ଗଛ ବଢ଼ିବା ସମୟରେ ଥରେ ଥରେ ଜଳସେଚନ କରିବାକୁ ହୋଇଥାଏ । ସାଧାରଣତଃ ବର୍ଷକୁ ୪ ରୁ ୫ଥର ଜଳସେଚନ କରିବାକୁ ହୋଇଥାଏ । କିନ୍ତୁ ଗଛ ଚାରିପାଖରେ ପାଣି ଜମି ନରହିବା ଉଚିତ । ଘିକୁଆଁରୀର



ପତ୍ରରେ ଜଳଧାରଣ କ୍ଷମତା ପ୍ରଚୁର ପରିମାଣରେ ବ ୍ନିମନ୍ତେ ଆବଶ୍ୟକୀୟ ଜଳ ଯୋଗାଇ ଦେଇଥାଏ । ପ୍ରଚଣ୍ଡ ଖରାଦିନରେ ମଧ୍ୟ ଏହି ଗଛ ବିନା ପାଣିରେ ବ ୍ଥାଏ ।

## ଘାସବଛା

ବର୍ଷକୁ ଅନ୍ତତଃ ଦୁଇଥର ଘାସ ଓ ଅନାବନା ଗଛ ବାଛିବା ଆବଶ୍ୟକ ଯଦ୍ୱାରାକି ଘିକୁଆଁରୀ ଗଛ ଭଲ ବଢ଼ିପାରିବ ।

## ରୋଗପୋକ

ସାଧାରଣତଃ ଘିକୁଆଁରୀ ଗଛ ବିଶେଷ ରୋଗପୋକଦ୍ୱାରା ଆକ୍ରାନ୍ତ ହୁଏନାହିଁ । କିନ୍ତୁ ଏବେ କିଛି ବର୍ଷ ହେଲା ଅଲଟାରନାରିଆ ଅଲଟରନେଟା ଏବଂ ଫୁଥୁଜାରିୟମ୍ ସୋଲାନୀ ନାମକ ରୋଗ ଦ୍ୱାରା ଭାତବର୍ଷରେ ଘିକୁଆଁରୀର ପତ୍ରରେ ଛୋଟ ଛୋଟ ଦାଗ ହୋଇଯିବାର ଲକ୍ଷ୍ୟ କରାଯାଉଛି ।

## ଅମଳ ଓ ପ୍ରକ୍ରିୟାକରଣ

ଗଛ ଲଗାଇବାର ହାରାହାରୀ ୧ ବର୍ଷ ପରେ ଏହି ଗଛରୁ ଉତ୍ପାଦନ ଆରମ୍ଭ ହୋଇଥାଏ, ଅମଳ କଲାବେଳେ ଗଛଗୁଡ଼ିକୁ ହାତରେ ଓପାଡ଼ି ଦିଆଯାଏ କିମ୍ବା ଟ୍ରାକ୍ଟର ସାହାଯ୍ୟରେ ବାହାର କରାଯାଇଥାଏ । ମାଟି ତଳେ ରହିଯାଇଥିବା ମୂଳ (ରୁପାନ୍ତରିତକାଣ୍ଡ)ଗୁଡ଼ିକ ପରବ ୀ ବର୍ଷରେ ଗଛ ବାହାରିଥାଏ । ଘିକୁଆଁରୀ ପତ୍ରରୁ ମୁଖ୍ୟତଃ ଦୁଇଟି ଉତ୍ପାଦ ମିଳିଥାଏ । ପ୍ରଥମଟି ହେଲା ମୋଟା ଚୋପା ତଳେ ମହଜୁଦ ଥିବା ହଳଦିଆ ରଙ୍ଗର ତିକ୍ତରସ ଯେଉଁଥିରୁ ଔଷଧ ପ୍ରସ୍ତୁତି ହୋଇଥାଏ ଏବଂ ଦ୍ୱିତୀୟଟି ହେଲା ପତ୍ରରେ ମଧ୍ୟଭାଗରେ ଥିବା ଶସ ।

ଅମଳ ନିମନ୍ତେ ଘିକୁଆଁରୀ ପତ୍ରକୁ ମୂଳରୁ କାଟି ନିଆଯାଏ । ତାପରେ ଉପରୁ ତଳ ଆଡ଼କୁ ଛୁରୀରେ ଚିରି ଏଥିରେ ଥିବା ହଳଦିଆ ରଙ୍ଗର ତିକ୍ତରସ ନିଗିଡି ଯିବା ପର୍ଯ୍ୟନ୍ତ ଅପେକ୍ଷା କରାଯାଏ ।

ଏହାପରେ ଏହି ରସକୁ ଗରମ କରି ଏଥିରେ ଥିବା ଜଳୀୟ ଅଂଶକୁ ବାଷ୍ପ ଆକାରରେ ବାହାର କରିଦିଆଯାଏ । ଜଳୀୟ ଅଂଶ ବାହାରିଗଲା ପରେ ଯେଉଁ ହାଲକାରୁ ଗାଢ଼ ରଙ୍ଗର ଧୂସର ଉତ୍ପାଦ ରହିଯାଏ ଏହା ଔଷଧ ନିମନ୍ତେ ଉପଯୋଗୀ ହୋଇଥାଏ ।

ଘିକୁଆଁରୀ ସାଧାରଣତଃ ତିନିପ୍ରକାର ଅବସ୍ଥାରେ ବିକ୍ରି କରାଯାଇଥାଏ ।

୧) କ ।ପତ୍ର କାଟି
୨) ପାରମ୍ପରିକ ପଦ୍ଧତିରେ
୩) ମେସିନ୍ ସାହାଯ୍ୟରେ

## କ ।ପତ୍ର କାଟି

ବ ର୍ମାନ ଭାରତବର୍ଷରେ ଅନେକ ଚାଷୀ କ । ପତ୍ର କାଟି ବିକ୍ରି କରୁଛନ୍ତି । ଏହି କ । ପତ୍ରକୁ ବିଭିନ୍ନ ଆୟୁର୍ବେଦୀୟ କମ୍ପାନୀ କିଣିଥାନ୍ତି । ଏହି କ । ପତ୍ରର ଦର କିଲୋପ୍ରତି ୨ରୁ ୩ଟଙ୍କା ହୋଇଥାଏ ।

କିନ୍ତୁ ଏହି କ ।ପତ୍ରକୁ କୌଣସି ଦୂର ଜାଗାକୁ ପଠାଇବାକୁ ହେଲେ ପରିବହନ ଖର୍ଚ୍ଚ ଅଧିକ ହୋଇଥାଏ ।

## ପାରମ୍ପରିକ ପଦ୍ଧତିରେ

କିଛି ଚାଷୀ ସାଧାରଣ ଛୁରୀ ବା ଅନ୍ୟ ଜିନିଷରେ ଘିକୁଆଁରୀର ଶସକୁ ବାହାର କରି ବଜାରରେ ବିକ୍ରି କରୁଛନ୍ତି । କିନ୍ତୁ ଏହିଭଳି ଉପାୟରେ ବାହାର କରାଯାଇଥିବା ଶସକୁ ବଜାରରେ ଠିକ୍ ମୂଲ୍ୟ ମିଳେନାହିଁ । କାରଣ ଏହା ଔଷଧୀୟ ପ୍ରୟୋଗ ନିମନ୍ତେ ଅନୁପଯୁକ୍ତ ବୋଲି ବିବେଚନା କରାଯାଇଅଛି । ଯଦିଓ ଏହି ପ୍ରଣାଳୀରେ ଶସ ଉତ୍ପାଦନ କରିବା ନିମନ୍ତେ ଅଧିକରୁ ଅଧିକ ଚାଷୀ ପ୍ରଭାବିତ ହେଉଛନ୍ତି, କିନ୍ତୁ ଏହି ଉତ୍ପାଦନ ରପ୍ତାନୀ ନିମନ୍ତେ ସଂପୂର୍ଣ୍ଣ ଅଯୋଗ୍ୟ ହୋଇଥିବାବେଳେ ଦେଶରେ ମଧ୍ୟ ଏହାର ଚାହିଦା ନାହିଁ । ଏହି ପ୍ରଣାଳୀରେ ପ୍ରସ୍ତୁତ ଶସକୁ ଯଦି ଦେଢ଼ଘ । କାଳ ଖୋଲା ରଖି ଦିଆଯାଏ ତେବେ ଏହାର ଦ୍ରବ୍ୟଗୁଣ ନଷ୍ଟ ହୋଇଯାଏ ଓ ଏହା ଔଷଧ ପ୍ରସ୍ତୁତି ନିମନ୍ତେ ସମ୍ପୂର୍ଣ୍ଣ ଅନୁପଯୁକ୍ତ ହୋଇଯାଏ ।

## ମେସିନ୍ ସାହାଯ୍ୟରେ

ମେସିନ୍ ସାହାଯ୍ୟରେ ଘିକୁଆଁରୀ ଶସକୁ ଉତ୍ପାଦନ କଲେ ଏହାର କେବଳ ଦେଶୀୟ ବଜାର ନୁହେଁ ରପ୍ତାନୀ ନିମନ୍ତେ ଆନ୍ତର୍ଜାତୀୟ ବଜାରରେ ମଧ୍ୟ ଯଥେଷ୍ଟ ଚାହିଦା ରହିଛି । କାରଣ ଏହି ଉପାୟରେ ଉତ୍ପାଦର ଗୁଣାତ୍ମକ ମାନ ଠିକ୍ ରହିଥାଏ ।

କିନ୍ତୁ ଏହି ସୁବିଧା ବର୍ତ୍ତମାନ ଭାରତବର୍ଷରେ ସହଜରେ ଉପଲବ୍ଧ ହେଉନଥିବାରୁ ଚାଷୀମାନେ ସିଧା ପତ୍ର କାଟି ବିକ୍ରିକରିବାକୁ ବାଧ ହେଉଛନ୍ତି । ଏହାଦ୍ୱାର କମ୍ ମୂଲ୍ୟ ପାଉଛନ୍ତି ।

## ଆୟ ବ୍ୟୟ (ଏକର ପ୍ରତି)

**ବ୍ୟୟ**

**<u>ପ୍ରଥମ ବର୍ଷ</u>**

| | | | |
|---|---|---|---|
| ଜମି ପ୍ରସ୍ତୁତି | - | ଟ. | ୧୨୦୦.୦୦ |
| ପୁଆ କିଣା | - | ଟ. | ୪୦୦୦.୦୦ |
| ଲଗାଇବା ଖର୍ଚ୍ଚ | - | ଟ. | ୮୦୦.୦୦ |
| ଜଳସେଚନ | - | ଟ. | ୬୦୦.୦୦ |
| ଖତ | - | ଟ. | ୧୨୦୦.୦୦ |
| ଘାସ ବଛା | - | ଟ. | ୫୦୦.୦୦ |
| ଜଗାରଖା | - | ଟ. | ୩୦୦.୦୦ |
| ଅନ୍ୟାନ୍ୟ ଖର୍ଚ୍ଚ | - | ଟ. | ୮୦୦.୦୦ |
| **ମୋଟ** | **-** | **ଟ** | **୯୪୦୦.୦୦** |

**<u>ଦ୍ୱିତୀୟ ବର୍ଷ</u>**

| | | | |
|---|---|---|---|
| ଜଳସେଚନ | - | ଟ. | ୪୦୦.୦୦ |
| ଖତ | - | ଟ. | ୬୦୦.୦୦ |
| ବେଉଷଣ | - | ଟ. | ୩୦୦.୦୦ |
| ଅମଳ | - | ଟ. | ୯୦୦.୦୦ |
| ଅନ୍ୟାନ୍ୟ ଖର୍ଚ୍ଚ | - | ଟ. | ୪୦୦.୦୦ |
| **ମୋଟ** | **-** | **ଟ** | **୨୬୦୦.୦୦** |

**ଦୁଇବର୍ଷରେ ମୋଟ ବ୍ୟୟ - ଟ. ୯୪୦୦+ ଟ. ୨୬୦୦= ଟ. ୧୨୦୦୦**

**ଆୟ**

ବାର୍ଷିକ ୬୦୦୦ କିଲୋଗ୍ରାମ ହିସାବରେ ୨ ବର୍ଷରେ ୧୨୦୦୦ କିଲୋଗ୍ରାମ ଉତ୍ପାଦନ ହୋଇଥାଏ । କିଲୋଗ୍ରାମ ପିଛା ୩ ଟଙ୍କା ଦରରେ ମୋଟ ଟ.୩୬୦୦୦/- ଆୟ ହୋଇଥାଏ ।

**ଦୁଇବର୍ଷରେ ନିଟ୍ ଲାଭ= ଟ.୩୬୦୦୦ - ଟ.୧୨୦୦୦= ଟ.୨୪୦୦୦**

ଏହା ଏକ ହାରାହାରୀ ହିସାବ । କାରଣ ଔଷଧୀୟ ବୃକ୍ଷର ବଜାର ପ୍ରତିବର୍ଷ ବଦଳୁଛି । ଏଣୁ ବଜାର ଦର ଅନୂଯାୟୀ ଏହାର ଲାଭ କ୍ଷତି ହୋଇଥାଏ । ଦ୍ୱିତୀୟ ବର୍ଷ ପରେ ବ୍ୟୟ କମି ଯାଉଥିବାରୁ ନିଟ୍ ଆୟ ବଢ଼ି ବଢ଼ି ଯାଇଥାଏ ।

ଔଷଧ ଓ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତି ନିମନ୍ତେ ଘିକୁଆଁରୀର ଚାହିଦା କେବଳ ଜାତୀୟ ବଜାରରେ ନୁହେଁ ବିଶ୍ୱବଜାରରେ ମଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ବିଶ୍ୱ ବଜାରରୁ ଆମଦାନୀ କରାଯାଉଥିବା ଔଷଧୀୟ ବୃକ୍ଷ ମଧରେ ଘିକୁଆଁରୀର ଆବଶ୍ୟକତା ଓ ଉପଯୋଗୀତା ଅନୁଯାୟୀ ସପ୍ତମ ସ୍ଥାନ ପ୍ରାପ୍ତ ହୋଇଛି । କିନ୍ତୁ ଭାରତବର୍ଷରେ ଘିକୁଆଁରୀ ଚାଷରେ ଚାଷୀମାନେ ବିଶେଷ ଲାଭବାନ ହୋଇପାରୁନାହାଁନ୍ତି । କାରଣ ମେସିନ୍ ସାହାଯ୍ୟରେ ଏହାର ଶସ ନିଷ୍କାସନ ପଦ୍ଧତି ଏପର୍ଯ୍ୟନ୍ତ ଉପଲବ୍ଧ ହୋଇନଥିବାରୁ କ ।ପତ୍ର ବିକି ଅଳ୍ପ ଲାଭ ପାଉଛନ୍ତି । ଏଣୁ ଘିକୁଆଁରୀ ଚାଷ ପୂର୍ବରୁ ଏହାର ବଜାର ନିମନ୍ତେ ଚାଷୀ ଅନୁଧାନ କରିବା ନିହାତି ଆବଶ୍ୟକ ।

### ବଜାର

ଘିକୁଆଁରୀର ଔଷଧୀୟ ଏବଂ ଅନ୍ୟାନ୍ୟ ବ୍ୟବହାର ଯୋଗୁଁ ବିଶ୍ୱ ବଜାରରେ ଏହାର ପ୍ରଭୂତ ଚାହିଦା ରହିଛି । ଅଷ୍ଟ୍ରେଲିଆ, ଆମେରିକା ଓ ସମଗ୍ର ଇଉରୋପ ହେଲା ଘିକୁଆଁରୀ ଏବଂ ଏହାର ଉତ୍ପାଦର ପ୍ରମୁଖ ବଜାର ।

## କେତେକ ଘିକୁଆଁରୀ ବ୍ୟବସାୟୀଙ୍କ ଠିକଣା

୧. ଏସ୍.ଏସ୍.ଏସ୍ ବାଇଓଟିକ୍ ପ୍ରା.ଲିମିଟେଡ଼<br>
ଏ-୪୧, ଜନପଥ ଅଶୋକନଗର<br>
ଭୁବନେଶ୍ୱର, ଓଡିଶା-୭୫୬୦୦୯

୨. ଶିବ ଇଞ୍ଜିନୀୟରସ୍<br>
ପଟେଲ ଆଭେନ୍ୟୁ ପ୍ଲଟ ନଂ- ୧୬୫<br>
ଏଫ୍ ନଂ-୧ ରାଇଟ ଭୁଷାରୀ କଲୋନୀ<br>
ନିୟର କୋଥ୍ରୁଡ ଡିପୋଟ୍<br>
ପଡ୍ ରୋଡ଼, ପୁନେ-୪୧୧୦୩୮

୩.  ସେରାଫିକ୍ ଇଣ୍ଡିଆନ୍ ହର୍ବାଲ ପ୍ରଡକ୍ଟସ୍
ଫାର୍ମ ହାଉସ,
ପେରେଚ୍ଚେରେଲା
ଗୁ ୁର, ଆନ୍ଧ୍ରପ୍ରଦେଶ

୪.  ହିରନ୍ ଅର୍ଗୋକେମ୍ ଲିଃ.
ଇ/୫୦/୫୦୨/୫୦୩ ରେମି ବିଜ୍ କୋର୍ଟ
ଶାହ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍,
ଅନ୍ଧେରୀ (ୱେଷ୍ଟ)
ମୁମ୍ବାଇ - ୪୦୦୦୫୩

୫.  ଏ.ଏସ୍.ଆର୍. ହର୍ବାଲ୍ସ୍
୭୧/୨, ୨୧ ଏ ମେନ୍,
ମାରେନାହାଲି
ଜେପିନଗର-ଫୋନ୍-୨
ବାଙ୍ଗାଲୋର୍-୫୬୦୦୭୮

୬.  ଉମାଲକ୍ଷ୍ମୀ
୫୦୯, ସିଦ୍ଧାର୍ଥ କମ୍ପ୍ଲେକ୍ସ
ଅଲକାପୁରୀ,
ଉଦୋଜରା-୩୯୦୦୦୭
ଗୁଜୁରାଟ

୭.  ମୋହେବ ହର୍ବାଲ ପ୍ରଡକ୍ଟ ପ୍ରାଇଭେଟ ଲିମିଟେଡ
ଇ ୨/୩୩୩,
ଆରୋରା କୋଲୋନି
ଭୋପାଲ - ୪୬୨୦୧୬

୮.  ଏସିଆଟିକ ଆଗ୍ରୋଟେକ୍
୬, ମିଲନ୍ଦ ନଗର, ଖାମଲା,
ନାଗପୁର-୪୪୦୦୨୫

୯.  ଆପେକ୍ସ ଏ  ରପ୍ରାଇଜେସ୍
ରୁମ ନଂ ୬, ଏ, ୪ର୍ଥ ମହଲା
୪୦, ର୍ଷ୍ଟାଣ୍ଡ ରୋଡ,
କୋଲକତା-୧

୧୦. ଦିନ ଦୟାଲ ଔଷଧି (ପି) ଲିମିଟେଡ୍
ଦିନ ଦୟାଲ ମାର୍କେଟ
ଏମ.ଏଲ. ବି. ରୋଡ୍,
ଗ୍ୱାଲିୟର
ମଧ୍ୟପ୍ରଦେଶ

୧୧. ବିଜୟ କୁମାର
ରାଜ ଆଣ୍ଡ କମ୍ପାନୀ
ବିହାଇଣ୍ଡ୍ କାଟ୍ଜୁ ମାର୍କେଟ
ନିମୁଚ୍-୪୫୮୪୪୧

❖